# ପାଠ 10



## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

***ସୃଷ୍ଟିକର୍ତ୍ତା ଈଶ୍ୱର, ମୋତେ ତା'ଙ୍କ ସନ୍ତାନ ବୋଲି ଗଣନା କରିବା ପାଇଁ ଏଠାରେ ଅଛନ୍ତି!***

ସୃଷ୍ଟିକର୍ତ୍ତା ଈଶ୍ୱର, ମୋତେ ତା'ଙ୍କ ସନ୍ତାନ ବୋଲି ଗଣନା କରିବା ପାଇଁ ଏଠାରେ ଅଛନ୍ତି !

## ବାଇବଲ କାହାଣୀ

***ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ତା'ଙ୍କ ସନ୍ତାନ ଭାବରେ ଗଣନା କରିବା ପାଇଁ ଏଠାରେ ଅଛନ୍ତି, ଉକ୍ତିର ଭାବଧାରା, ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ!***

**ସୁସମ୍ବାଦ କାହାଣୀ-ପୁସ୍ତିକା, ପଞ୍ଚମ ଖଣ୍ଡ ।** ପୃଷ୍ଠା 2-19 । *ସ୍ରଷ୍ଟା ଈଶ୍ୱର ଏଠାରେ ଅଛନ୍ତି!*

**ଉପକରଣ:** ଅଙ୍କନ କରିବା ପାଇଁ କଳାପଟା ଓ ଚକ୍ ଖଡ଼ି, ବା ମାଟି ଓ କାଠି ବା କାଗଜ ଓ ପେନ୍‌ସିଲ୍ । ପିଲାଙ୍କ ପାଇଁ ଚିତ୍ରାଙ୍କନ ପଟା ବା କାଗଜ, ପେନ୍‌ସିଲ୍ ଓ ରବର୍ ।

ଚିତ୍ରାଙ୍କନ କରି କାହାଣୀ କହନ୍ତୁ ।

ପୃଷ୍ଠ 8-15 ରେ ଥିବା କାହାଣୀ ପଢ଼ି ଶୁଣାଇ ସୁସମ୍ବାଦ କାହାଣୀ ପୁସ୍ତିକାର ପଞ୍ଚମ ଖଣ୍ଡରେ ଥିବା ଚିତ୍ର ସବୁକୁ ଦର୍ଶାଇ ଦିଅନ୍ତୁ ।

1, 2, 3 କାହାଣୀ କହିବା ଆରମ୍ଭ କରନ୍ତୁ...

ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି ! ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର ମୁଁ ଶୁଣି ପାରୁଛି, 'ମୁଁ ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବି ।' ଜଣେ ଯୁବତୀଙ୍କୁ ମୁଁ ଦେଖିପାରୁଛି । ଯାହାଙ୍କ ନାମ ମରିୟମ । ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଏକ ଉତ୍ତମ ଆତ୍ମା ମରିୟମଙ୍କୁ କହୁଥିବା ମୁଁ ଶୁଣିପାରୁଛି, 'ତୁମ୍ଭର ଗୋଟେ ପୁତ୍ର ସନ୍ତାନ ହେବ ।  ତାହାଙ୍କ ନାମ ଯୀଶୁ ଦିଆଯିବ ।  ଯୀଶୁ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କର ଆତ୍ମାଙ୍କଠାରୁ ଆଗତ । ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ  ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବେ ।'

ଜଣେ ଯୁବାଙ୍କୁ ମୁଁ ଦେଖିପାରୁଛି । ଯାହାଙ୍କ ନାମ ଯୋଷେଫ । ଯୋଷେଫଙ୍କର ପୂର୍ବପୁରୁଷଗଣ ଦାଉଦଙ୍କ ଗୋଷ୍ଠୀ । ରାଜା ଦାଉଦ ଅବ୍ରହାମଙ୍କ ଗୋଷ୍ଠୀରୁ ଜାତ ।

ସୃଷ୍ଟିକର୍ତ୍ତା ଈଶ୍ୱର ଏକ ଉତ୍ତମ ଆତ୍ମାକୁ ଏପରି କହୁଥିବା ମୁଁ ଶୁଣିପାରୁଛି, 'ଯୋଷେଫଙ୍କୁ ଯାଇ କୁହ ଯେ ମରିୟମ ତୁମର ସ୍ତ୍ରୀ ହେବା ପାଇଁ ମନୋନୀତା । ମରିୟମଙ୍କ ଗୋଟିଏ ପୁଅ ହେବ ।

ତାହାଙ୍କ ନାମ ଯୀଶୁ ଦିଆଯିବ । ଯୀଶୁ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଆତ୍ମାଙ୍କଠାରୁ ଆଗତ । ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବେ ।'

ସୃଷ୍ଟିକର୍ତ୍ତା ଈଶ୍ୱର ଆସୁଅଛନ୍ତି ...

# ପାଠ 10







କିଛି ସମୟ ବିତିଗଲା । ମୁଁ ଦେଖିପାରୁଛି ସୃଷ୍ଟିକର୍ତ୍ତା ପରମେଶ୍ୱର ଗୋଟିଏ ନୂଆ ତାରକା ରାତ୍ରିର ଆକାଶରେ ସୃଷ୍ଟି କରୁଛନ୍ତି । ସେହି ନୂଆ ତାରା ପ୍ରଜ୍ୱଳିତ...ପ୍ରଜ୍ୱଳିତ...ପ୍ରଜ୍ୱଳିତ ହେଉଛି ।

ପଣ୍ଡିତମାନଙ୍କୁ ରାତ୍ରିରେ ଆକାଶକୁ ଅନାଇ...ଅନାଇ...ଅନାଇ ରହିଥିବା ମୁଁ ଦେଖିପାରୁଛି । ସେହି ନୂଆ ତାରା ନିର୍ଦ୍ଦେଶ ଦେଉଛି...ନିର୍ଦ୍ଦେଶ ଦେଉଛି...ନିର୍ଦ୍ଦେଶ ଦେଉଛି । ପଣ୍ଡିତମାନେ ନୂତନ ତାରାର ଅନୁସରଣ କରୁଥିବା, ଛୋଟ ଏକ ସହର ମଧ୍ୟରେ...ଛୋଟ ଏକ ରାସ୍ତା ଉପରେ...ଛୋଟ ଏକ କୁଡିଆ ଭିତରେ ମୁଁ ଦେଖିପାରୁଛି ।



ଯୋଷେଫ, ତାଙ୍କ ସ୍ତ୍ରୀ ମରିୟମ ଏବଂ ସେହି ଛୋଟ ଶିଶୁ ବାଳକ ଯୀଶୁଙ୍କୁ ମୁଁ ଦେଖିପାରୁଛି । ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର ମୁଁ ଶୁଣି ପାରୁଛି, 'ଏହି ଛୋଟ ଶିଶୁ ବାଳକ ଯୀଶୁ ଯେ'କି ତୁମ୍ଭକୁ ଚିରକାଳ ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବେ ।'



ପଣ୍ଡିତମାନଙ୍କୁ ସେହି ଶିଶୁ ବାଳକ ଯୀଶୁଙ୍କ ଉଦ୍ଦେଶ୍ୟରେ ଗାନ କରୁଥିବା ମୁଁ ଦେଖିପାରୁଛି ।

ତୁମ୍ଭକୁ ଚିରକାଳ ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବାପାଇଁ ସୃଷ୍ଟିକର୍ତ୍ତା ଈଶ୍ୱର ଛୋଟ ଶିଶୁ ବାଳକ ରୂପରେ ଆସିଛନ୍ତି । ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି ! ସେହି ରାତ୍ରିରେ...

ମୁଁ ମେଷପାଳକମାନଙ୍କୁ ଦେଖି ପାରୁଛି ।  ମୁଁ ମେଷମାନଙ୍କୁ ଦେଖିପାରୁଛି ।



ସୃଷ୍ଟିକର୍ତ୍ତା ଈଶ୍ୱର ଏକ ଉତ୍ତମ ଆତ୍ମାକୁ ଏପରି କହୁଥିବା ମୁଁ ଶୁଣିପାରୁଛି, 'ଯାଅ ଏବଂ ମେଷପାଳକମାନଙ୍କୁ କୁହ, ଭୟକରନାହିଁ, ମୁଁ ତୁମ୍ଭମାନଙ୍କୁ ସୁସମାଗ୍ଭର ଦେଉଛି ।  ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବା ନିମନ୍ତେ ଏଠାରେ ଅଛନ୍ତି ।'



ମୁଁ ଦେଖିପାରୁଛି, ଏକ ବଡ଼, ବଡ଼, ବଡ଼ ଉଜ୍ଜ୍ୱଳ ଆଲୋକ । ମୁଁ ଦେଖିପାରୁଛି, ବଡ଼, ବଡ଼, ବଡ଼ ଉଜ୍ଜ୍ୱଳ ଆଲୋକଟି ହେଉଛନ୍ତି ଭଲ ଆତ୍ମା । ଉତ୍ତମ ଆତ୍ମାମାନେ ମେଷପାଳକମାନଙ୍କୁ ଏପରି କହୁଥିବା ମୁଁ ଶୁଣିପାରୁଛି, 'ଭୟକରନାହିଁ, ମୁଁ ତୁମ୍ଭକୁ ଶୁଭ ସମ୍ବାଦ ଦେବି ।  ଯୀଶୁ ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବା ନିମନ୍ତେ ଏଠାରେ ଅଛନ୍ତି ।'



ଏକ...ଦୁଇ...ତିନି...ଚାରି...ପାଞ୍ଚ...ଛଅ...ସାତ...ବହୁତ...ବହୁତ... ବହୁତ... ଭଲଆତ୍ମା ମାନେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କରୁଛନ୍ତି ମୁଁ ଦେଖିପାରୁଛି ।

ବହୁତ, ବହୁତ, ବହୁତ, ଭଲ ଆତ୍ମାମାନେ ଏପରି କହୁଥିବା ମୁଁ ଶୁଣିପାରୁଛି, 'ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କର । ଯେଉଁମାନେ ସୃଷ୍ଟିକର୍ତ୍ତା ଈଶ୍ୱର ତଥା ଯୀଶୁଙ୍କ ଉଦ୍ଦେଶ୍ୟରେ ଗୀତ ଗାନ କରନ୍ତି ସେମାନଙ୍କ ପ୍ରତି ଶାନ୍ତି ବର୍ତ୍ତୁ ।'



ବହୁତ, ବହୁତ, ବହୁତ, ଭଲ ଆତ୍ମାସକଳ ଉର୍ଦ୍ଧ୍ୱକୁ...ଉର୍ଦ୍ଧ୍ୱକୁ...ଉର୍ଦ୍ଧ୍ୱକୁ...ଆକାଶ ମଧ୍ୟକୁ ଯାଉଥିବାର ମୁଁ ଦେଖିପାରୁଛି । ମେଷପାଳକମାନେ ସେହି ଯୀଶୁଙ୍କ ଉଦ୍ଦେଶ୍ୟରେ ଗୀତ ଗାନ କରିବାର ମୁଁ ଦେଖିପାରୁଛି । ତୁମ୍ଭକୁ ଚିରକାଳ ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ଉଦ୍ଧାର କରିବାପାଇଁ ସୃଷ୍ଟିକର୍ତ୍ତା ଈଶ୍ୱର ଛୋଟ ଶିଶୁ ବାଳକ ରୂପରେ ଆସିଛନ୍ତି । ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

**ପିଲାଙ୍କୁ କାହାଣୀ ଉପରେ ଚିତ୍ର ଆଙ୍କିବା ପାଇଁ କହନ୍ତୁ ।**

# ପାଠ 10



## ଅଭିନୟ ସଙ୍ଗୀତ

***ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ତା'ଙ୍କ ସନ୍ତାନ ଭାବରେ ଗଣନା କରିବା ପାଇଁ ଏଠାରେ ଅଛନ୍ତି, ଉକ୍ତିର ଭାବଧାରା, ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ !***



ସୀମାହୀନ ଆକାଶର ନୀଳିମାରେ କହିଯାଏ ତାରାଟିଏ
ଜନମିଛି ତୁମ ପାଇଁ ଧରାପରେ ..... ସରଗର ଶିଶୁଟିଏ | ଘୋଷା |

ସୁନ୍ଦର ଶିଶୁ ରୂପରେ ଶାନ୍ତିରାଜା ଜନମିଲେ,
ସରଗ ଶାନ୍ତିର ବାଣୀ ପ୍ରେମରେ ସେ ଢ଼ାଳିଦେଲେ |
ମୁକତିର ପଥ କରି ଆଲୋକିତ
ପ୍ରଣମିନୀର ହୋଇଲେ
ସରଗର ଶିଶୁଟିଏ |

ମାନବ ରୂପ ଧରିଲେ ବାକ୍ୟରୂପୀ ହୋଇ ନିଜେ
ତା'ଙ୍କ ମହା କରୁଣାରେ ଦୁଃଖୀ ଦୁଃଖ ନେଇଗଲେ |
ପାପୀ ମାନବକୁ ଅମର ପ୍ରେମରେ
ଅନନ୍ତ ଜୀବନ ଦେଲେ
ସରଗର ଶିଶୁଟିଏ |

## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ଶିକ୍ଷା

***ସୃଷ୍ଟିକର୍ତ୍ତା ଈଶ୍ୱର ମୋ' ପାଇଁ ଏହି ସ୍ଥାନରେ ଅଛନ୍ତି ଯଦ୍ଦ୍ୱାରା ସେ ମୋତେ ତାଙ୍କ ସନ୍ତାନ ବୋଲି ଗଣନା କରିବେ, ଏହି ଭାବଧାରା ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ ବସ୍ତୁ ପାଠରେ ବ୍ୟବହାର କରନ୍ତୁ !***

**ଉପକରଣ:** ବାକ୍ସ ଓ ଦର୍ପଣ । ପାଠ୍ୟକ୍ରମ ଆରମ୍ଭ କରିବା ପୂର୍ବେ ବାକ୍ସ ଭିତରେ ଦର୍ପଣ ଭର୍ତ୍ତିକରି ରଖନ୍ତୁ ।

ପିଲାଙ୍କୁ କହନ୍ତୁ, ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ସନ୍ତାନମାନଙ୍କ ମଧ୍ୟରୁ ଜଣେ ବିଶେଷ ସନ୍ତାନର ଛବି ସେଇ ବାକ୍ସ ଭିତରେ ଅଛି । ଏବେ ପ୍ରତ୍ୟେକ ପିଲାକୁ ଜଣେ ପରେ ଜଣେ ଆସି, ଗୋଟିଏ ହେଲେ ଶବ୍ଦ ଉଚ୍ଚାରଣ ନ କରି ବାକ୍ସ ଭିତରକୁ ଅନାଇ, ନିଜ ନିଜ ଜାଗାରେ ଫେରିଯାଇ ବସିବା ପାଇଁ କହନ୍ତୁ । ଯେପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ବାକ୍ସ ଭିତରକୁ ଦେଖି ନାହାନ୍ତି, ସେଯାଏ କେହି ବି କିଛି କହିବେ ନାହିଁ ।

ସମସ୍ତେ ବାକ୍ସ ଭିତର ଦେଖିବା ପରେ ନିମ୍ନରେ ଥିବା ପ୍ରଶ୍ନମାନ ପଚାରନ୍ତୁ ।

**ବାକ୍ସ ଭିତରେ କାହାକୁ ଦେଖିଲ ? ତୁମେ କ'ଣ ଭାବିଥିଲ, ତୁମେ ହିଁ ସେହି ଜଣକ ହୋଇଥିବ? ତୁମେ କ'ଣ ଜାଣିଥିଲ ତୁମେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ନିଜସ୍ୱ ସନ୍ତାନ ଓ ତା'ଙ୍କ ପାଇଁ ଜଣେ ବିଶେଷ ବ୍ୟକ୍ତି ?**

ପ୍ରଭୁ ଯୀଶୁ କିପରି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଆତ୍ମା, ତାହା ସରଳରେ ବୁଝାଇ ଦିଅନ୍ତୁ । ଯୀଶୁ, ଯେକି ସୃଷ୍ଟିକର୍ତ୍ତା ଈଶ୍ୱର, ଛୋଟ ଶିଶୁ ରୂପରେ ଆସିଥିଲେ, ଯଦ୍ଦ୍ୱାରା ତୁମକୁ ସେ ସଦାସର୍ବଦା ତଥା ଅନନ୍ତ କାଳ ପାଇଁ ଉଦ୍ଧାର କରିବେ । ଆମେ ଯେତେବେଳେ ଯୀଶୁଙ୍କ ଉପରେ ବିଶ୍ୱାସ କରୁ, ସେତେବେଳେ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେଉ ।

# ପାଠ 10

## ମୁଖସ୍ଥ ପଦ ଧନ୍ଦା

### *ସୃଷ୍ଟିକର୍ତ୍ତା ଈଶ୍ୱର, ମୋତେ ତା'ଙ୍କ ସନ୍ତାନ ଭାବରେ ଗଣନା କରିବା ପାଇଁ ଏଠାରେ ଅଛନ୍ତି, ବିଷୟ ଶିକ୍ଷା ଦେଉଥିବା ବାଇବଲ ପଦ ବ୍ୟବହାର କରନ୍ତୁ!*

ସ୍ରଷ୍ଟା ଈଶ୍ୱରଙ୍କ ଅନ୍ୟ ନାମ ସଦାପ୍ରଭୁ।

**1 ଯୋହନ 5:1** *'ଯୀଶୁ ହେଉଛନ୍ତି ଖ୍ରୀଷ୍ଟ* ବୋଲି ଯେଉଁମାନେ ବିଶ୍ୱାସ କରନ୍ତି, ସେମାନେ ପରମେଶ୍ୱରଙ୍କର ସନ୍ତାନ ଅଟନ୍ତି। ପରମ ପିତାଙ୍କୁ ପ୍ରେମ କରୁଥିବା ବ୍ୟକ୍ତି ତାହାଙ୍କର ସନ୍ତାନମାନଙ୍କୁ ମଧ୍ୟ ପ୍ରେମ କରେ।'*

**ଉପକରଣ :** ଲେଖିବା ପାଇଁ କଳାପଟା ଓ ଚକ୍ ଖଡ଼ି ବା ମାଟି ଓ କାଠି ବା କାଗଜ ଓ ପେନ୍‌ସିଲ୍।

ମୁଖସ୍ଥ ପଦକୁ ଲେଖି ଦେଇ ପିଲାଙ୍କୁ କହନ୍ତୁ, ସେମାନେ ଯେମିତି ଆପଣଙ୍କ ପରେ ପରେ ପୁନରାବୃତ୍ତି କରୁଥିବେ। ଯଦି ପିଲାଏ ଏପର୍ଯ୍ୟନ୍ତ ପଢ଼ିବା ଜାଣି ନାହାନ୍ତି, ତେବେ ମୁଖସ୍ଥ ପଦ ଲେଖିବା ଆବଶ୍ୟକ ନାହିଁ।

ବର୍ତ୍ତମାନ ମୁଖସ୍ଥ ପଦର ଶବ୍ଦସବୁ କହନ୍ତୁ। ଯେକୌଣସି ସ୍ଥାନମାନଙ୍କରୁ ତିନୋଟି ଶବ୍ଦ ଲିଭାଇ ଦିଅନ୍ତୁ।

ବର୍ତ୍ତମାନ, ବାଳକମାନଙ୍କ ମଧ୍ୟରୁ ଜଣେ ସେହି ଶବ୍ଦସବୁ ଏଭଳି ଠିକ୍ ପୂରଣ କରୁ, ଯେମିତି ସମସ୍ତେ ମୁଖସ୍ଥ ପଦଟି କହିପାରିବେ। ଅନ୍ୟ ଭିନ୍ନ ତିନୋଟି ଶବ୍ଦ ଲିଭାଇ ଦିଅନ୍ତୁ।

ବର୍ତ୍ତମାନ ବାଳିକାମାନଙ୍କ ମଧ୍ୟରୁ ଜଣେ ସେହି ଶବ୍ଦସବୁ ଏଭଳି ଠିକ୍ ପୂରଣ କରୁ, ଯେମିତି ସେମାନେ ସମସ୍ତେ ମୁଖସ୍ଥ ପଦଟି କହିପାରିବେ।

ଆଉଥରେ ପ୍ରତ୍ୟେକ ମୁଖସ୍ଥ ପଦ କହନ୍ତୁ।

ସୃଷ୍ଟିକର୍ତ୍ତା ଈଶ୍ୱର, ମୋତେ ତା'ଙ୍କ ସନ୍ତାନ ବୋଲି ଗଣନା କରିବା ପାଇଁ ଏଠାରେ ଅଛନ୍ତି!

## ବ୍ୟବହାରିକ କାର୍ଯ୍ୟକାରିତା

### *ସୃଷ୍ଟିକର୍ତ୍ତା ଈଶ୍ୱର ମୋତେ ତା'ଙ୍କ ସନ୍ତାନ ହେବାର ଅଧିକାର ଦେବା ପାଇଁ ଏହି ସ୍ଥାନରେ ଅଛନ୍ତି, ଏହି ଭାବଧାରାର କାର୍ଯ୍ୟକାରିତାକୁ ବ୍ୟବହାର କରନ୍ତୁ!*

**ସାକ୍ଷ୍ୟ ଦିଅନ୍ତୁ:** ଆପଣଙ୍କ ଜୀବନର କିପରି ପରିବର୍ତ୍ତନ ହେଲା ଓ ଆପଣ ଈଶ୍ୱରଙ୍କ ସନ୍ତାନ ଭାବରେ ଖ୍ୟାତ ହେଲେ, ତାହା ପିଲାଙ୍କୁ କହନ୍ତୁ।

**ପ୍ରାର୍ଥନା:** ସୃଷ୍ଟିକର୍ତ୍ତା ଈଶ୍ୱର, ମୋର ଉଦ୍ଧାରାର୍ଥେ ତୁମେ ଯେ ଶିଶୁ ସନ୍ତାନ ରୂପ ନେଇ ଆସି, ମୋତେ ଅନନ୍ତ କାଳ ପାଇଁ ଉଦ୍ଧାର କରିଥିବାରୁ ତୁମକୁ ଧନ୍ୟବାଦ ଅର୍ପଣ କରୁଛି। ଯୀଶୁଙ୍କ ଉପରେ ବିଶ୍ୱାସ କରି ମୁଁ ସ୍ରଷ୍ଟା ଈଶ୍ୱରଙ୍କ ସନ୍ତାନ ହୋଇପାରିଥିବାରୁ ତୁମକୁ ଧନ୍ୟବାଦ ଅର୍ପଣ କରେ।

* ସେହି ଅଭିଷିକ୍ତ ବ୍ୟକ୍ତି। ସେହି ସୃଷ୍ଟିକର୍ତ୍ତା ଈଶ୍ୱର ଯେ ଉଦ୍ଧାର କରନ୍ତି।

# ପାଠ 11



ଯୀଶୁ

ଜଗତର

ଜ୍ୟୋତିଃ

## ଶିକ୍ଷାର ଏକ-କୈନ୍ଦ୍ରିକ ଲକ୍ଷ୍ୟ

*ଯୀଶୁ ଜଗତର ଜ୍ୟୋତିଃ*

## ବାଇବଲ କାହାଣୀ

***ଯୀଶୁ ଜଗତର ଜ୍ୟୋତିଃ ଭାବଧାରା ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ ।***

**କାହାଣୀ ପୁସ୍ତିକାର ପଞ୍ଚମ-ଖଣ୍ଡ ।** ପୃଷ୍ଠା 20-29 । *ମୁଁ ଦେଖିପାରୁଛି ।*

ପିଲାଙ୍କୁ ନେଇ ଗୋଟିଏ ନାଟକ ପ୍ରସ୍ତୁତ କରନ୍ତୁ । ପିଲାଙ୍କୁ ସରଳରେ ବୁଝାଇ ଦିଅନ୍ତୁ ଯେ, 'ମୁଁ ଦେଖିପାରୁଛି,' ଶୀର୍ଷକ ଏକ ନାଟକ ଆମେ ସମସ୍ତେ ଉପସ୍ଥାପନ କରିବାକୁ ଯାଉଛୁ ।

**ଅଭିନୟରେ:** କାହାଣୀର ବକ୍ତା ଓ ନିର୍ଦ୍ଦେଶକ (ଆପଣ ଶିକ୍ଷକ), ଯୀଶୁ (ଜଣେ ପିଲା), ଜଣେ ଅନ୍ଧଲୋକ (ଜଣେ ପିଲା), ଜଣେ ଆତ୍ମିକ ନେତା (ଜଣେ ପିଲା), ଯୀଶୁଙ୍କ ଅନୁଗମନକାରୀମାନେ (3 ଜଣ ପିଲା) ଏବଂ ଅନେକ ଲୋକ (ନାଟକରେ ଭାଗ ନ ନେଇଥିବା ପିଲାମାନେ) ।

*ସୁସମ୍ବାଦ କାହାଣୀ ପୁସ୍ତିକାର ପଞ୍ଚମ ଖଣ୍ଡର* ପୃଷ୍ଠା 20-29 କାହାଣୀ ପଢ଼ି ଶୁଣାନ୍ତୁ । ଆପଣ କାହାଣୀଟି ପଢ଼ି ଶୁଣାଇବା ସମୟରେ ପିଲାମାନଙ୍କୁ ନିଜ ନିଜ ଅଭିନୟ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ଅଭିନୟରେ ଭାଗ ନେଇଥିବା ପିଲାମାନେ ଯଦି ପଢ଼ି ଜାଣନ୍ତି, ତେବେ ସେମାନଙ୍କୁ *ସୁସମ୍ବାଦ କାହାଣୀ ପୁସ୍ତିକାର ପଞ୍ଚମ ଖଣ୍ଡରୁ* ଗୋଟିଏ ଲେଖା ଦିଅନ୍ତୁ, ଯଦ୍ଦ୍ୱାରା ସେମାନେ ନିଜେ କାହାଣୀକୁ ପଢ଼ି ନିଜ ନିଜ ଅଭିନୟକୁ ବୁଝିପାରିବେ ।

*ଉଦାହରଣ:* ପୃଷ୍ଠା 20-21, ପିଲାଙ୍କୁ କୁହନ୍ତୁ, ସେମାନେ କୌଣସି ଏକ ବଜାର ସ୍ଥାନରେ ଥିବାର ଛଳନା କରନ୍ତୁ । ସେଥିପାଇଁ ଯେଉଁ ପିଲାସବୁ 'ଅନେକ ଲୋକେ' ଅଭିନୟରେ ଭାଗ ନେଇଛନ୍ତି, ଏପଟେ ସେପଟେ ବୁଲିବା ଭଳି ଦେଖାଇ କିଛି କିଣିବା ପାଇଁ ବଜାରରେ ଜିନିଷ ଦେଖୁଥିବା ଛଳନା କରନ୍ତୁ । ଅନ୍ଧ ଲୋକ ରୂପରେ ଅଭିନୟ କରୁଥିବା ପିଲାକୁ କହନ୍ତୁ ବଜାର ମଝିରେ ବସି ହାତ ବଢ଼ାଇ ଭିକ୍ଷା ମାଗୁଥିବା ଛଳନା କରିବ ।

କାହାଣୀ ପଢ଼ି ଶୁଣାନ୍ତୁ । ଯେତେବେଳେ ଆପଣ ଏପରି ପଢ଼ି ଶୁଣାଇବେ, 'ଯୀଶୁଙ୍କ ଅନୁଗାମୀକାରୀମାନେ ଏଭଳି କହିବାର ମୁଁ ଶୁଣିପାରୁଛି, 'ଏହି ଅନ୍ଧ ଲୋକ କ'ଣ ଦୁଷ୍କର୍ମ କଲା, ଯଦ୍ଦ୍ୱାରା ଜନ୍ମାନ୍ଧ ହେଲା ?' ସେତେବେଳେ 'ଯୀଶୁଙ୍କ ଅନୁଗମନକାରୀ' ଅଭିନୟରେ ଥିବା ପିଲାଙ୍କ ଆଡ଼େ ନିର୍ଦ୍ଦେଶ କରନ୍ତୁ । ସେମାନଙ୍କୁ ବାକ୍ୟମାନ କହିବା ପାଇଁ ନିର୍ଦ୍ଦେଶନା ଦିଅନ୍ତୁ (କିମ୍ବା, ଯଦି ସେମାନେ ପଢ଼ିବା ଜାଣନ୍ତି, ତେବେ ପଢ଼ି କି କହିବେ) । 'ଏହି ଅନ୍ଧ ଲୋକ କ'ଣ ଦୁଷ୍କର୍ମ କରିଥିଲା, ଯଦ୍ଦ୍ୱାରା ଜନ୍ମାନ୍ଧ ହେଲା ?,' ଏହି ଉକ୍ତି ସମୟରେ ସେମାନେ ଯୀଶୁଙ୍କ ପଛେ, ପଛେ ଚାଲି ଅନ୍ଧ ଲୋକକୁ ଅତିକ୍ରମ କରୁଥିବେ ।

1, 2, 3 ନାଟକ ଆରମ୍ଭ କରନ୍ତୁ...

# ପାଠ 11

## ଅଭିନୟ ସଙ୍ଗୀତ



***ଯୀଶୁ ଜଗତର ଜ୍ୟୋତିଃ ଭାବଧାରା ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ ।***

ଆମେ ଆଲୁଅରେ ଚାଲିବା
ତା'ଙ୍କ ସହ ମିଳି ତା'ଙ୍କ ଆଲୁଅରେ
ଆମେ କ୍ଷମା ପ୍ରାପ୍ତ ହେବା
କରିବା ପରାଜିତ ଆମେ ଶୟତାନକୁ ସେହି ଆଲୋକରେ
ଚାଲିବା ଆମେ ଆଲୋକରେ
ତା'ଙ୍କ ସହ ମିଳି ତା'ଙ୍କ ଆଲୁଅରେ





## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମ ଶିକ୍ଷା

***ଯୀଶୁ ଜଗତର ଜ୍ୟୋତିଃ ଭାବଧାରା ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମ ବ୍ୟବହାର କରନ୍ତୁ***

ପ୍ରାକୃତିକ ଆଲୋକ ସୃଷ୍ଟି କରି, ସ୍ରଷ୍ଟା ଈଶ୍ୱର, ଆଲୋକ କେମିତି ଅନ୍ଧକାର ଅପେକ୍ଷା ଶକ୍ତିଶାଳୀ, ତାହା ଦର୍ଶାଇ ଦେଇଛନ୍ତି । ଆଲୋକ, ଅନ୍ଧାରକୁ ଦୂର କରେ ।

**ପ୍ରଦର୍ଶନ:** ଆପଣ ଶିକ୍ଷା ଦେଉଥିବା ସ୍ଥାନକୁ ଅନ୍ଧକାରାଚ୍ଛନ୍ନ କରନ୍ତୁ । ଅନ୍ଧକାରକୁ ଆଲୁଅ କିପରି ଦୂର କରେ, ତାହା ଦର୍ଶାଇବା ପାଇଁ ଗୋଟିଏ ମହମବତୀ ବା ଟର୍ଚ୍ଚ ଲାଇଟ୍ ବା ବିଜୁଳି ଆଲୁଅ ଜଳାଇ ଦିଅନ୍ତୁ । ତା'ପରେ ଯୀଶୁ ଯେ ପ୍ରାକୃତିକ ଆଲୁଅ ସଦୃଶ, ଏହା ବୁଝାଇ ଦିଅନ୍ତୁ । ଯୀଶୁ ହିଁ ସେହି ଆତ୍ମିକ ଆଲୋକ ଯଦ୍ଦ୍ୱାରା ମନ୍ଦ ବିଷୟ ଏବଂ ଦୁଷ୍ଟ ଆତ୍ମା ମାନଙ୍କର ସମସ୍ତ ଆତ୍ମିକ ଅନ୍ଧକାର ଦୂର ହୋଇଥାଏ । ମନେରଖନ୍ତୁ, ଆଲୋକ, ଅନ୍ଧକାର ଅପେକ୍ଷା ଅଧିକ ଶକ୍ତିଶାଳୀ ଅଟେ । ଯୀଶୁଙ୍କ ପାଖରେ କେବଳ ସେହି ଶକ୍ତି ଅଛି, ଯଦ୍ଦ୍ୱାରା ଅନ୍ଧକାର ଦୂର ହୋଇପାରିବ । ଆପଣଙ୍କୁ ଓ ମୋତେ ଅନନ୍ତକାଳ ପାଇଁ ଉଦ୍ଧାରାର୍ଥେ ଯୀଶୁ ଆସିଥିଲେ ।

ଯୀଶୁ
ଜଗତର
ଜ୍ୟୋତିଃ

## ବାଇବଲ ମୁଖସ୍ଥ ପଦ ଧନ୍ଦା

***ଯୀଶୁ ଜଗତର ଜ୍ୟୋତିଃ, ଭାବଧାରା ଶିକ୍ଷା ଦେଉଥିବା ବାଇବଲ ପଦ ବ୍ୟବହାର କରନ୍ତୁ ।***

**ଯୋହନ 8:12** *'ପରେ, ଯୀଶୁ ପୁଣି ଲୋକମାନଙ୍କୁ ଉପଦେଶ ଦେଲେ । ସେ କହିଲେ, "ମୁଁ ଜଗତର ଆଲୋକ, ମୋତେ ଯେଉଁ ଲୋକ ଅନୁସରଣ କରେ, ସେ କେବେ ଅନ୍ଧକାରରେ ଗ୍ଭଲିବ ନାହିଁ । ସେ ଲୋକ ଜୀବନ ପ୍ରଦାନକାରୀ ଆଲୋକ ପାଇବ ।"'*

**ଚିତ୍ର ମାଧ୍ୟମରେ ଶବ୍ଦ ଧନ୍ଦା:** ହଳଦିଆ ରଙ୍ଗର କେତୋଟି ବେଲୁନ୍ ଓ ଘନକଳା ରଙ୍ଗର ଚିହ୍ନ ଦେବା କଲମ ।

ତିନୋଟି ପିଲାଙ୍କୁ ସାମ୍ନାକୁ ଡ଼ାକି ଆପଣଙ୍କୁ ସାହାଯ୍ୟ କରିବା ପାଇଁ କହନ୍ତୁ । ସେଇ ତିନି ପିଲାଙ୍କୁ ଗୋଟିଏ କରି ବେଲୁନ୍ ଦେଇ, ପବନ ପୁରାଇ ସୂତାରେ ବାନ୍ଧିବା ପାଇଁ କହନ୍ତୁ ଯେମିତି ପବନ ବାହାରି ନ ଯାଏ ।

# ପାଠ 11







ସବୁ ପିଲାଙ୍କ ଆଗରେ ଏଇ ତିନି ପିଲାଙ୍କୁ ଜଣେ ପରେ ଜଣେ ଠିଆ ହେବା ପାଇଁ କହନ୍ତୁ । ପବନ ପୁରାଯାଇଥିବା ଗୋଟିଏ ବେଲୁନ୍ ନେଇ 'ଅନ୍ଧକାରକୁ ଆଲୁଅ କିଭଳି ଦୂର କରେ,' ସେଭଳି ଚିତ୍ର ସେଇ ବେଲୁନ୍ ଉପରେ ଆଙ୍କି ଦିଅନ୍ତୁ । ଆଣିଥିବା ବେଲୁନ୍ ସେଇ ପିଲାଟିକୁ ଫେରାଇ ତା'ରି ଉପରେ ଅଙ୍କା ଯାଇଥିବା ଚିତ୍ର ସବୁପିଲାଙ୍କୁ ଦେଖାଇବାକୁ କହନ୍ତୁ । ସେହିପରି ଆଉ ଏକ ବେଲୁନ୍ ନେଇ ତା'ରି ଉପରେ ଏକ ବଡ଼ ଆକାରର କ୍ରୁଶର ଚିତ୍ର ଅଙ୍କନ କରନ୍ତୁ । ପିଲାଟିକୁ ବେଲୁନ୍ ଫେରାଇ ଦେଇ କହନ୍ତୁ ତା' ଉପରେ ଅଙ୍କା ଯାଇଥିବା ଚିତ୍ରସବୁ ପିଲାଙ୍କୁ ଦେଖାନ୍ତୁ । ପରବର୍ତ୍ତୀ ବେଲୁନ୍ ନେଇ ତା'ର ଉପରେ ଏହି ଜଗତର ଚିତ୍ର ଅଙ୍କନ କରନ୍ତୁ ।  ସେହିପରି ଏଇ ବେଲୁନ୍ ମଧ୍ୟ ଫେରାଇ କହନ୍ତୁ ଅଙ୍କିତ ଚିତ୍ରଟି ସବୁ ପିଲାମାନଙ୍କୁ ଦେଖାନ୍ତୁ ।

ଜଣେ ପରେ ଜଣେ ପିଲାଙ୍କୁ ପ୍ରତ୍ୟେକ ଛବିରେ ଲୁଟ୍କାୟିତ ଥିବା ଶବ୍ଦକୁ ଅନୁମାନ କରି କହିବା ପାଇଁ ପଗ୍ଗରନ୍ତୁ । କିଛି ସମୟ ପରେ ଯଦି ସେମାନେ ଅନୁମାନ କରି କହି ନପାରନ୍ତି, ତେବେ ତା'ର କିଛି ସୂଚନା ଦେଇ ସାହାଯ୍ୟ କରନ୍ତୁ, ଯେପରି ସେମାନେ ଅନୁମାନ କରି କହିପାରିବେ । ଯେତେବେଳେ 'ଆଲୋକ', 'ଯୀଶୁ' ଓ 'ଜଗତ' ଆଦି ଶବ୍ଦସବୁ ଅନୁମାନ କହି ପାରନ୍ତି, ଆଉ ଜଣେ ପିଲାକୁ ଚତୁର୍ଥ ସାହାଯ୍ୟକାରୀ ଭାବରେ ଡ଼ାକି ଏଇ ତିନୋଟି ଶବ୍ଦକୁ ସଠିକ୍ ସଜାଡ଼ି କ୍ରମାନ୍ୱୟରେ 'ଯୀଶୁ' 'ଜଗତର' 'ଆଲୋକ' ଅର୍ଥାତ୍ ବାକ୍ୟ ବନାଇ ରଖିବାକୁ କହନ୍ତୁ ।

ମୁଖସ୍ଥ ପଦର ଅର୍ଥ, ସରଳରେ ବୁଝାଇ ଦିଅନ୍ତୁ । 'ଯୀଶୁ ଜଗତର ଆଲୋକ ଅଟନ୍ତି ।' ପ୍ରତ୍ୟେକ ପିଲାକୁ ଗୋଟିଏ କରି ବେଲୁନ୍ ନେଇ ପବନ ଭର୍ତ୍ତି କରି ସୂତାରେ ବାନ୍ଧିବା ପାଇଁ କହନ୍ତୁ, ତା'ପରେ ବେଲୁନ୍ ଉପରେ ଗୋଟିଏ 'କ୍ରୁଶ', ଅନ୍ଧକାରକୁ ଦୂର କରୁଥିବା ଆଲୁଅ ଓ ଜଗତର ଚିତ୍ର ଅଙ୍କନ କରିବା ପାଇଁ କହନ୍ତୁ । ଯେଉଁମାନେ ଲେଖିପାରିବେ, ସେମାନେ ନିଜ ବେଲୁନ୍ ଉପରେ ତା'ଙ୍କ ନାମ ଲେଖିପାରିବେ । ବର୍ତ୍ତମାନ ପିଲାଙ୍କୁ ବାଇବଲ ମୁଖସ୍ଥ ପଦ କହନ୍ତୁ ।

## ବ୍ୟବହାରିକ କାର୍ଯ୍ୟକାରିତା

***ଯୀଶୁ ଜଗତର ଜ୍ୟୋତିଃ'ର କାର୍ଯ୍ୟକାରିତାକୁ ପ୍ରୟୋଗ କରନ୍ତୁ***

ଯେବେ ଆମ୍ଭେମାନେ ଭୟଭୀତ ହୋଇଥାଉ, ବା ମନ୍ଦ ବିଷୟ କରିଥାଉ ବା କହିଥାଉ, କିମ୍ବା ରୋଗ ଦୁଃଖରେ ପଡ଼ିଥାଉ, ସାହସର ସହିତ ସେତେବେଳେ କହିପାରିବା, ଯୀଶୁ ତୁମେ ମୋତେ ପ୍ରେମ କରୁଛ ଓ ଏହି ସମସ୍ତ ମନ୍ଦ ବିଷୟରୁ ଉଦ୍ଧାର କରିଥିବାରୁ ଧନ୍ୟବାଦ ଅର୍ପଣ କରେ ।

ଯୀଶୁ

ଜଗତର

ଜ୍ୟୋତିଃ

ଯୀଶୁ ଜଗତର ଜ୍ୟୋତିଃ ଏବଂ ଅନ୍ଧକାରଠାରୁ ଅଧିକ ଶକ୍ତିଶାଳୀ । ଯୀଶୁ ହିଁ କେବଳ ଅନ୍ଧକାରକୁ ଦୂର କରିବା ପାଇଁ ସକ୍ଷମ ଅଟନ୍ତି ।

**ପ୍ରାର୍ଥନା:** ସୃଷ୍ଟିକର୍ତ୍ତା ଈଶ୍ୱର, ମୋତେ ସଦାବେଳେ ପ୍ରେମ କରୁଥିବାରୁ ଧନ୍ୟବାଦ ଦେଉଛି । ଯୀଶୁ ତୁମେ ଜଗତର ଜ୍ୟୋତିଃ ବୋଲି ଧନ୍ୟବାଦ ଅର୍ପଣ କରେ । ଯୀଶୁ, ତୁମେ ଅନ୍ଧକାରକୁ ଦୂର କରିବା ପାଇଁ ଆସିଥିବାରୁ ମୁଁ ଧନ୍ୟବାଦ ଦିଏ । ଧନ୍ୟବାଦ ପ୍ରଭୁ ଯୀଶୁ ତୁମ ନାମରେ ଆମେ ଏହି ପ୍ରାର୍ଥନା କରୁଛୁ । ଆମେନ୍ ।

# ପାଠ 12



## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

***ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା***

ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା

## ବାଇବଲ କାହାଣୀ

***ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା, ଭାବଧାରା ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ***

**ସୁସମ୍ବାଦ କାହାଣୀ ପୁସ୍ତିକା ପଞ୍ଚମ ଖଣ୍ଡ ।** ପୃଷ୍ଠା 30-36 । *ଶାନ୍ତିଦାତା ।*

**ଉପକରଣ:** ଅଙ୍କନ କରିବା ପାଇଁ କଳାପଟା ଓ ଚକ୍ ଖଡ଼ି ବା ମାଟି ଓ କାଠି, ବା କାଗଜ ଓ ପେନ୍‌ସିଲ୍ । ପିଲାଙ୍କ ପାଇଁ ଚିତ୍ରାଙ୍କନ ପଟା ବା କାଗଜ, ପେନ୍‌ସିଲ୍ ଓ ରବର ।

ଚିତ୍ର ଅଙ୍କନ କରି କାହାଣୀ କହନ୍ତୁ । ପ୍ରତ୍ୟେକ ପୃଷ୍ଠା ପଢ଼ିବା ପରେ ପିଲାଙ୍କୁ ଗୋଟିଏ ପ୍ରଶ୍ନ ପଚାରନ୍ତୁ ।

1, 2, 3 କାହାଣୀ ଆରମ୍ଭ କରନ୍ତୁ...

ଅନ୍ୟ ଏକ ଦିନ, ଅନ୍ୟ ଏକ ସମୟ, ଅନ୍ୟ ଏକ ସ୍ଥାନ ।



ମୁଁ ଜଣେ ପୁରୁଷଙ୍କୁ ଦେଖିପାରୁଛି । ତା'ଙ୍କର ନାମ ଶିମୋନ । ଶିମୋନ ଯୀଶୁଙ୍କୁ ଏପରି କହୁଥିବା ମୁଁ ଶୁଣି ପାରୁଛି, 'ଦୟାକରି ମୋ' ଘରକୁ ଆସନ୍ତୁ ।' ଶିମୋନ ଓ ଯୀଶୁଙ୍କୁ, ଶିମୋନଙ୍କ ଗୃହ ଭିତରେ ଥିବାର ମୁଁ ଦେଖିପାରୁଛି । ମୁଁ ଜଣେ ନାରୀକୁ ମଧ୍ୟ ଶିମୋନଙ୍କ ଗୃହରେ ଦେଖିପାରୁଛି ।



ସେହି ନାରୀ ଅନେକ ଖରାପ କାମ କରିଥିଲା । ସେହି ନାରୀଟିକୁ ଯୀଶୁଙ୍କ ପାଦତଳେ ପଡୁଥିବା ମୁଁ ଦେଖିପାରୁଛି । ସେହି ନାରୀଟି କାନ୍ଦୁଥିବା ମୁଁ ଦେଖିପାରୁଛି । ତାହାର ଲୁହ ଯୀଶୁଙ୍କ ପାଦ ଉପରେ ପଡୁଛି । ସେହି ନାରୀଟି ତା'ର କେଶରେ ଯୀଶୁଙ୍କ ପାଦକୁ ପୋଛୁଥିବା ମୁଁ ଦେଖିପାରୁଛି । ସେହି ନାରୀକୁ ଯୀଶୁ ଏପରି କହୁଥିବା ମୁଁ ଶୁଣିପାରୁଛି 'ତୁମ ଜୀବନର ସମସ୍ତ ଖରାପ ବିଷୟକୁ ମୁଁ କ୍ଷମା ଦେଉଛି ।  ଶାନ୍ତିରେ ଯାଅ ।'



କେବଳ ଯୀଶୁ ହିଁ ଶାନ୍ତିଦାତା । ଅନ୍ଧକାରକୁ ଦୂର କରିବା ପାଇଁ କେବଳ ଯୀଶୁଙ୍କ ନିକଟରେ ଶକ୍ତି ଅଛି ।

ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

## ଅଭିନୟ ସଙ୍ଗୀତ

***ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା, ଭାବଧାରା ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ***

ରାଜାମାନଙ୍କର ରାଜା, ପ୍ରଭୁମାନଙ୍କର ପ୍ରଭୁ, ମହିମା ହାଲେଲୁୟା
ଯୀଶୁ ହିଁ ଶାନ୍ତି ରାଜା, ମହିମା ହାଲେଲୁୟା !

# ପାଠ 12

## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ଶିକ୍ଷା

***ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା, ଭାବଧାରା ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମ ବ୍ୟବହାର କରନ୍ତୁ***

**ଉପକରଣ:** ତିନୋଟି ପଥର ଯେମିତି ଜଣେ ପିଲା ଉଠାଇ ପାରୁଥିବ, ଅଧିକ ଓଜନର ହୋଇ ନ ଥିବ।

ଦୁଇଟି ପିଲାଙ୍କୁ ଡ଼ାକନ୍ତୁ, ଯେଉଁମାନେ ଆପଣଙ୍କୁ ସାହାଯ୍ୟ କରିବେ। ତା'ଙ୍କ ମଧ୍ୟରୁ ଜଣେ ଅଭିନୟରେ ଯୀଶୁଙ୍କ ରୂପରେ (ସେଇ ପିଲା ଆଡ଼କୁ ନିର୍ଦ୍ଦେଶ କରନ୍ତୁ) ଭାଗ ନେଇଥିବାର ଛଳନା କରିବ, ଏବଂ ଅନ୍ୟ ପିଲାଟି (ସେଇ ପିଲା ଆଡ଼କୁ ନିର୍ଦ୍ଦେଶ କରନ୍ତୁ) ଯୀଶୁଙ୍କୁ ଜାଣି ନ ଥିବା ଅଭିନୟ କରି, ଯୀଶୁଙ୍କ ଆଡ଼କୁ ଦୃଷ୍ଟିପାତ କରିବ ନାହିଁ କିମ୍ବା ଯୀଶୁଙ୍କୁ ଆରାଧନା କରିବ ନାହିଁ।

ସରଳରେ ବୁଝାଇ ଦିଅନ୍ତୁ, ଯିଏ ଯୀଶୁଙ୍କୁ ଜାଣି ନ ଥିବା ଅଭିନୟରେ ଛଳନା କରୁଛି, ସେଇ ପିଲା ଖରାପ ଚିନ୍ତା କରୁଛି। ଯେଉଁ ପିଲା ଯୀଶୁଙ୍କୁ ଜାଣି ନ ଥିବା ଅଭିନୟରେ ଛଳନା କରୁଛି, ତା'କୁ ଗୋଟିଏ ପଥର ଉଠାଇ ବୋହିବାକୁ ଦିଅନ୍ତୁ। ତା'ପରେ କହନ୍ତୁ, ଏହି ପଥରଟି ଯୀଶୁଙ୍କୁ ଜାଣି ନ ଥିବା ବ୍ୟକ୍ତିକୁ ବୁଝାଏ ଏବଂ ଯିଏ ମନ୍ଦ ଚିନ୍ତା କରୁଅଛି।

ସରଳରେ ବୁଝାଇ ଦିଅନ୍ତୁ, ଯିଏ ଯୀଶୁଙ୍କୁ ଜାଣି ନ ଥିବା ଅଭିନୟରେ ଛଳନା କରୁଛି, ସେଇ ପିଲା ଖରାପ କାର୍ଯ୍ୟ କରୁଛି। ଯେଉଁ ପିଲା ଯୀଶୁଙ୍କୁ ଜାଣି ନ ଥିବା ଅଭିନୟରେ ଛଳନା କରୁଛି, ତା'କୁ ଆଉ ଗୋଟିଏ ପଥର ଉଠାଇ ବୋହିବାକୁ ଦିଅନ୍ତୁ। ତା'ପରେ କହନ୍ତୁ, ଏହି ପଥରଟି ଯୀଶୁଙ୍କୁ ଜାଣି ନ ଥିବା ବ୍ୟକ୍ତିକୁ ବୁଝାଏ ଏବଂ ଯିଏ ଖରାପ କାର୍ଯ୍ୟ କରୁଛି।

ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା

ସରଳ ଭାବରେ ବୁଝାଇ ଦିଅନ୍ତୁ ଯିଏ ଯୀଶୁଙ୍କୁ ଜାଣି ନାହିଁ ବୋଲି ଛଳନାତ୍ମକ ଅଭିନୟ କରୁଛି, ସିଏ ଏକ ମନ୍ଦ କଥା କହୁଛି। 'ଯୀଶୁଙ୍କୁ ଜାଣି ନ ଥିବା' ଅଭିନୟ କରୁଥିବା ପିଲାକୁ ଆଉ ଏକ ପଥର ଉଠାଇ ବୋହିବାକୁ ଦିଅନ୍ତୁ। ତା'ପରେ କହନ୍ତୁ, ଏହି ପଥରଟି ଯୀଶୁଙ୍କୁ ଜାଣି ନ ଥିବା ବ୍ୟକ୍ତିକୁ ବୁଝାଏ ଏବଂ ଯିଏ ମନ୍ଦ କଥା କହୁଅଛି।

ବର୍ତ୍ତମାନ ସେଇ ତିନୋଟି ପଥରକୁ ବୋହିଥିବା ପିଲାକୁ, ଯୀଶୁଙ୍କ ଆଡ଼େ ଅନାଇବାକୁ କହନ୍ତୁ। ତା'ପରେ ଯିଏ ଯୀଶୁଙ୍କ ରୂପରେ ଅଭିନୟ କରିଥିବା ଛଳନା କରେ, ତା'କୁ କହନ୍ତୁ ପଥରସବୁ ଯୀଶୁଙ୍କୁ ଜାଣି ନ ଥିବା ଅଭିନୟରେ ଥିବା ପିଲା ପାଖରୁ ନେଇଯିବା ପାଇଁ।

କେବଳ ଯୀଶୁ ଶାନ୍ତି ପ୍ରଦାନ କରନ୍ତି। ଅନ୍ଧକାର ଦୂର କରିବାକୁ କେବଳ ଯୀଶୁ ହିଁ ସକ୍ଷମ ଅଟନ୍ତି।

# ପାଠ 12

## ମୁଖସ୍ଥ ପଦ ଧନ୍ଦା

***ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା ବିଷୟ ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ***

**ଲୂକ 7:50** *'ଯୀଶୁ ସ୍ତ୍ରୀ ଲୋକଟିକୁ କହିଲେ, "ତୁମ୍ଭେ, ବିଶ୍ୱାସ କରିଥିବାରୁ, ତୁମ୍ଭେ ପାପରୁ ରକ୍ଷା ପାଇଅଛ, "ଶାନ୍ତିରେ ଯାଅ ।"'*

ମୁଖସ୍ଥ ପଦକୁ କହନ୍ତୁ ଏବଂ ଗାୟନ କରନ୍ତୁ, ଆପଣଙ୍କ ଉତ୍ତାରେ (ଶିକ୍ଷକ) ବାରମ୍ବାର କହିବା ପାଇଁ ପିଲାଙ୍କୁ ଶିଖାନ୍ତୁ । ମୁଖସ୍ଥ ହେବା ପର୍ଯ୍ୟନ୍ତ ପୁନରାବୃତ୍ତି କରିବାକୁ କହନ୍ତୁ ।

ତା'ପରେ ଡ୍ରମ୍‌ର ତାଳ ସଂଯୁକ୍ତ କରି ଶବ୍ଦ ଅନୁସାରେ ଅଭିନୟ କରି ପିଲାମାନେ ମୁଖସ୍ଥ ପଦ ଗାୟନ କରିପାରିବେ ।

ଶିକ୍ଷକ: ଯୀଶୁ, ପିଲାମାନେ: ଯୀଶୁ,

ଶିକ୍ଷକ: ସ୍ତ୍ରୀ ଲୋକଟିକୁ କହିଲେ, ପିଲାମାନେ: ସ୍ତ୍ରୀ ଲୋକଟିକୁ କହିଲେ,

ଶିକ୍ଷକ: "ତୁମ୍ଭେ, ପିଲାମାନେ: "ତୁମ୍ଭେ,

ଶିକ୍ଷକ: ବିଶ୍ୱାସ କରିଥିବାରୁ, ପିଲାମାନେ: ବିଶ୍ୱାସ କରିଥିବାରୁ,

ଶିକ୍ଷକ: ତୁମ୍ଭେ ପାପରୁ ରକ୍ଷା ପାଇଅଛ, ପିଲାମାନେ: ତୁମ୍ଭେ ପାପରୁ ରକ୍ଷା ପାଇଅଛ,

ଶିକ୍ଷକ: "ଶାନ୍ତିରେ ଯାଅ ।"' ପିଲାମାନେ: "ଶାନ୍ତିରେ ଯାଅ ।"'

ଶିକ୍ଷକ: ଲୂକ 7, ପିଲାମାନେ: ଲୂକ 7,

ଶିକ୍ଷକ: 50 ପଦ, ପିଲାମାନେ: 50 ପଦ,

## ବ୍ୟବହାରିକ କାର୍ଯ୍ୟକାରିତା

***ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା, ଭାବଧାରାର କାର୍ଯ୍ୟକାରିତା ବ୍ୟବହାର କରନ୍ତୁ । କେବଳ ଯୀଶୁ ହିଁ ଶାନ୍ତିଦାତା ।***

### ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା

ଯୀଶୁ କ୍ଷମାଶୀଳ ଓ ଶାନ୍ତିଦାତା, ଭାବଧାରାର କାର୍ଯ୍ୟକାରିତା ବ୍ୟବହାର କରନ୍ତୁ । କେବଳ ଯୀଶୁ ହିଁ ଶାନ୍ତିଦାତା ।

ଆମେ ଯେତେବେଳେ ଯୀଶୁଙ୍କୁ ବ୍ୟକ୍ତିଗତ ଭାବେ ଜାଣୁ, ତଦ୍ଦ୍ୱାରା ଆମ ଜୀବନରୁ ସମସ୍ତ ବୋଝ, ମନ୍ଦ ଭାବନା ବା ମନ୍ଦ କାର୍ଯ୍ୟ ବା ମନ୍ଦ ବିଷୟ ମୁଖରେ ଉଚ୍ଚାରଣ କରିବା, ଇତ୍ୟାଦି ଦୂର କରୁଥିବାରୁ ତା'ଙ୍କୁ ଧନ୍ୟବାଦ ଅର୍ପଣ କରିବା ।

**ପ୍ରାର୍ଥନା:** ପ୍ରଭୁ ଯୀଶୁ, ମୋ' ଜୀବନରୁ ସମସ୍ତ ବୋଝ, ମନ୍ଦ ଭାବନା, କାର୍ଯ୍ୟ ଓ କଥା ତୁମେ ଦୂର କରୁଥିବାରୁ ତୁମକୁ ଧନ୍ୟବାଦ ଦିଏ । ମୋତେ କ୍ଷମା କରିଥିବାରୁ ତୁମକୁ ଧନ୍ୟବାଦ ଦିଏ । ମୋତେ ଶାନ୍ତି ଦାନ କରୁଥିବାରୁ ପ୍ରଭୁ ଯୀଶୁ ତୁମକୁ ଧନ୍ୟବାଦ ଦିଏ । ମୋତେ ବଞ୍ଚିବା ପାଇଁ ନୂତନ ଉପାୟ, ପଥ ତଥା ଚିନ୍ତାଧାରା ଦେଉଥିବାରୁ ପ୍ରଭୁ ଯୀଶୁ ମୁଁ ଧନ୍ୟବାଦୀ । ସଦାକାଳ ପାଇଁ ମୋର ଉଦ୍ଧାରାର୍ଥେ ତୁମେ ଆସିଥିବାରୁ ତୁମକୁ ଧନ୍ୟବାଦ ଦିଏ । ପ୍ରଭୁ ଯୀଶୁ ତୁମ ନାମରେ ଏହି ପ୍ରାର୍ଥନା କରୁଛୁ । ଆମେନ୍ ।

**ପୁରସ୍କାର:** *କାହାଣୀ ପୁସ୍ତିକାର ପଞ୍ଚମ ଖଣ୍ଡରୁ* ଗୋଟିଏ ଲେଖାଏଁ ପ୍ରତ୍ୟେକ ପିଲାକୁ ଦିଅନ୍ତୁ । ପ୍ରତ୍ୟେକେ ଯେପରି ନିଜ ବହି ପଢ଼ିପାରିବେ, ସେଥିପାଇଁ ସାହାଯ୍ୟ କରନ୍ତୁ ।